# କହିବି କଥାଟି

**କୁନ୍ତଳା କୁମାରୀ ସାବତ**

## କବିପରିଚୟ

**କୁନ୍ତଳା କୁମାରୀ ସାବତ:** ଓଡ଼ିଆ ସାହିତ୍ୟରେ 'ଉତ୍କଳ ଭାରତୀ' କହିଲେ କୁନ୍ତଳା କୁମାରୀଙ୍କୁ ହିଁ ସମସ୍ତେ ବୁଝନ୍ତି । ଗତ ଶତାବ୍ଦୀର ଆରମ୍ଭରେ ନାରୀମାନେ ଶିକ୍ଷାକ୍ଷେତ୍ରରେ ଆଗକୁ ଆସି ନଥିବାବେଳେ, ସେ ଚିକିତ୍ସା କ୍ଷେତ୍ରରେ ଶିକ୍ଷାପ୍ରାପ୍ତ ହୋଇ ସୁନାମ ଅର୍ଜନ କରିଥିଲେ । ଏହାଛଡ଼ା କବି ଓ ଲେଖକ ଭାବରେ ଓଡ଼ିଆ ସାହିତ୍ୟରେ ସେ ସୁପ୍ରସିଦ୍ଧ । ଅଞ୍ଜଳି, ଅର୍ଚ୍ଚନା, ସ୍ଫୁଲିଙ୍ଗ ପ୍ରଭୃତି କବିତା ଗ୍ରନ୍ଥ, 'ନଅତୁଣ୍ଡି', 'କାଳୀବୋହୂ', 'ପରଶମଣି' ଇତ୍ୟାଦି ଉପନ୍ୟାସ ତାଙ୍କର ଅମର କୃତି । 'କହିବି କଥାଟି' କବିତାଟିରେ ମାଆ ନିଜ ପୁଅକୁ ଓଡ଼ିଆ ଜାତିର ଗୌରବ ବିଷୟରେ ଚେତାଇ ଦେଇଛନ୍ତି ଏବଂ ଭବିଷ୍ୟତରେ ଜଣେ ସୁଯୋଗ୍ୟ ସନ୍ତାନ ହେବାକୁ ଉଦ୍‌ବୋଧନ ଦେଇଛନ୍ତି ।



ଆଜି ବାପ ତୋତେ କହିବି କଥାଟି
ଶୁଣିବୁ ତୁ ଦେଇ ମନ,
କାହା କୁମର ତୁ କାହା କୁଳମଣି
ଜାଣିଚୁ କି ଗଣ୍ଡିଧନ ?

ନିରିମଳ ତୁହି ସରଗ ତରାଟି
ସରଗର ଝରାଫୁଲ,
ହସ, ଭାଷ ତୋର କଉତୁକ ବାବୁ,
କି ମଧୁର, କି ତଉଲ !

ଆଖି ଦୋ'ଟି ତୋର ଆନନ୍ଦ ଉଜ୍ଜ୍ୱଳ
ଚଞ୍ଚଳତା ପ୍ରତି ଅଙ୍ଗେ,
ଲବଣି ପିତୁଳା ସ୍ନେହ ସୁଧାବୋଳା
ଖେଳୁ ଖେଳ ନାନା ରଙ୍ଗେ ।

ଧୂଳି ମାଟି ଘେନି          କି ସୁନ୍ଦର ତୁହି
ଗଢ଼ି ବସୁ କେତେ ଜାତି,
ପଶୁ, ପକ୍ଷୀ, ଜୀବ,          ଦେବତା, ଦେଉଳ,
ସଙ୍ଗୀ ସଙ୍ଗେ ହର୍ଷେ ମାତି ।

କେବେ କିରେ ବାପ,          ଶୁଣିଛୁ ତୁ କାନେ
ବାପ ଗୋସିବାପ କଥା,
କେତେ ସେ ମହତ          କରମ ସାଧିଲେ
ଭାଳିଲେ ହଜିବ ଚେତା ।

ବାପ ଦାଦି ତୋର          ଥିଲେ ଅତି ବଡ଼
ରଖି ଯାଇଛନ୍ତି ନାମ,
ମନ୍ଦିର ତୋଳାଇ          ପୋଖରୀ ଖୋଳାଇ
ଗଢ଼ି ନାନା ତୀର୍ଥ ଧାମ ।

କୋଣାର୍କ ମଥାରେ          ଜଗନ୍ନାଥପୁରେ
ଉଡ଼େ ତ ତାଙ୍କରି ଛତି,
ଲକ୍ଷେ ଦେଉଳରେ          ସଞ୍ଜ ଆଳତିରେ
ଜଳେ ତ ତାଙ୍କରି ବତି ।



ନଦୀ ବନ୍ଧ ସବୁ     ତାଙ୍କରି କୀରତି
ଥିଲେ ବଡ଼ କାରିଗର,
ପଥର ଉପରେ     ଆଙ୍କିଛନ୍ତି ଛବି
ଅପରୂପ ମନୋହର ।

ଥିଲେ ବଡ଼ ବୀର     ଲକ୍ଷେ ରାଜାଙ୍କର
ମଉଡ଼ମଣିର ଜାତି,
ପୁରୁଷ ଉତ୍ତମ,     ବୀର ଖାରବେଳ,
ଅନଙ୍ଗଭୀମ, ଯଯାତି ।

ମହା ମହା ରାଜା,     ମହା ମହା ରଥୀ
ଥିଲେ ତୋର ବାପା ଜେଜେ,
କିଏ ସରି ହେବ     ଗୁଣ ଜ୍ଞାନେ ତାଙ୍କୁ
କିଏ ସରି ହେବ ତେଜେ ।

ଓଡ଼ିଆ ବୋଲି ତୁ     ମନେ ଗର୍ବ ବହି
ଚାଲରେ ଟେକି ତୋ' ମଥା,
ନିତି ମନେମନେ     ଗୁଣି ହେଉ ଥାଆ
ପୂର୍ବ ପୁରୁଷଙ୍କ କଥା ।

ଭଞ୍ଜ, ଜଗନ୍ନାଥ,     ସାମନ୍ତ ସିଂହାର
ସାରଳାଦି କବିକୁଳ,
ତୋ' ପୂର୍ବ ପୁରୁଷ     ତାଙ୍କ ସନ୍ତାନ ତୁ
ଏ କଥା ମନୁ ନ ଭୁଲ ।

**ସୂଚନା :**

ସ୍ନେହସୁଧା – ସ୍ନେହକୁ ସୁଧାବୋଲି କଳ୍ପନା କରାଯାଇଛି ।

ଗୋସିବାପ– ଗୋସେଇଁବାପ, ଜେଜେବାପା

ଦାଦି – ନକା, କକେଇ, ଦାଦା, ବାପାଙ୍କର ସାନଭାଇ ।

ନଦୀବନ୍ଧ – କାଠଯୋଡ଼ିର ପଥରବନ୍ଧ ।

ପୁରୁଷ ଉତ୍ତମ, ଯଯାତି, ବୀରଖାରବେଳ – ପ୍ରାଚୀନ ଓଡ଼ିଶାର ଏହି ନାମଧାରୀ ପ୍ରସିଦ୍ଧ ସମ୍ରାଟ ଥିଲେ । ପୁରୁଷୋତ୍ତମ କାଞ୍ଚି ବିଜୟ କରିଥିଲେ । ଯଯାତିକେଶରୀ କେଶରୀ ବଂଶର ପ୍ରସିଦ୍ଧ ରାଜା । ଖାରବେଳ ଭାରତବର୍ଷର ବହୁ ଅଂଚଳ ଜୟ କରିଥିଲେ । ଖଣ୍ଡଗିରି, ଉଦୟଗିରିରେ ଖାରବେଳଙ୍କ ଗୁମ୍ଫାସବୁ ଅଛି ।

# ଅଭ୍ୟାସ

**୧. ଉତ୍ତର କୁହ ।**

(କ) ମାଆ ପୁଅକୁ କ'ଣ କହି ସମ୍ବୋଧନ କରିଛନ୍ତି ?

(ଖ) ଧୂଳିମାଟିରେ ପିଲା କ'ଣ ସବୁ ଗଢ଼ିଥାଏ ?

(ଗ) ସାରଳା ଦାସ କାହିଁକି ବିଖ୍ୟାତ ?

(ଘ) ପ୍ରାଚୀନ ଓଡ଼ିଶାର କେତେଜଣ ବୀରଙ୍କ ନାମ କୁହ ।

(ଙ) ଓଡ଼ିଶାର ତିନୋଟି ପ୍ରାଚୀନ ମନ୍ଦିରର ନାମ କୁହ ।

**୨. ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ ।**

(କ) ପୁଅକୁ ଲବଣି ପିତୁଳା କହିବାର ଅର୍ଥ କ'ଣ ?

(ଖ) ଓଡ଼ିଆମାନେ ବଡ଼ କାରିଗର ଥିଲେ ବୋଲି କିପରି ଜଣାପଡୁଛି ?

(ଗ) ପୁଅକୁ ମାଆ ପ୍ରାଚୀନ ଓଡ଼ିଶା ବିଷୟରେ କହିବାର ଉଦ୍ଦେଶ୍ୟ କ'ଣ ?

(ଘ) ପୁଅ କିପରି ଓଡ଼ିଆ ବୋଲି ଗର୍ବର ସହିତ ମଥାଟେକି ଚାଲିପାରିବ ?

(ଙ) 'ସଞ୍ଜ ଆଳତିରେ ଜଳେ ତ ତାଙ୍କରି ବତି' କହିବାର ତାତ୍ପର୍ଯ୍ୟ କ'ଣ ?

୩. **ସରଳ ଭାଷାରେ ବୁଝାଇ ଲେଖ ।**

(କ) ପଥର ଉପରେ ଆଙ୍କିଛନ୍ତି ଛବି
ଅପରୂପ ମନୋହର ।

(ଖ) କିଏ ସରିହେବ ଗୁଣ ଜ୍ଞାନେ ତାଙ୍କୁ
କିଏ ସରି ହେବ ତେଜେ ।

(ଗ) ଓଡ଼ିଆ ବୋଲିତୁ ମନେ ଗର୍ବ ବହି
ଚାଲରେ ଟେକି ତୋ' ମଥା ।

୪. **ଦିଆଯାଇଥିବା ଶବ୍ଦଗୁଡ଼ିକର ଅର୍ଥ ଲେଖ ।**

କୁଳ, କୂଳ, ଗୁଣି, ଗୁଣୀ, ସର୍ଗ, ସ୍ୱର୍ଗ

୫. **ଲିଙ୍ଗ ପରିବର୍ତ୍ତନ କର ।**

ଗୋସିବାପ, ପୁରୁଷ, ଦାଦି, ବୀର

୬. **'କରମ' ଶବ୍ଦର ଅନ୍ୟରୂପ ଯେପରି 'କର୍ମ' ସେହିପରି ତଳ ଶବ୍ଦଗୁଡ଼ିକର ଅନ୍ୟରୂପ ଲେଖ ।**

କୀରତି, ହରଷ, କଉତୁକ, ନିରିମଳ, ସରଗ

୭. **ବାକ୍ୟରେ ବ୍ୟବହାର କର ।**

ଚେତା, ତେଜ, କୀର୍ତ୍ତି, ମନୋହର

୮. **୧୫୦ରୁ ୨୦୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ ।**

କ) ପ୍ରାଚୀନ ଓଡ଼ିଶାର କେଉଁ କୀର୍ତ୍ତିରାଜିର କଥା ମାଆ ନିଜ ପୁଅକୁ କହିଛନ୍ତି ?

ଖ) ମାଆ ପୁଅକୁ ଅତୀତ ଉତ୍କଳର ଗୌରବ ଗାଥା କହିବା ମୂଳରେ କେଉଁ ଉଦ୍ଦେଶ୍ୟ ରହିଛି ?

## ତୁମ ପାଇଁ କାମ



- କବିତାଟିରେ ଯେଉଁ ରାଜାମାନଙ୍କର କଥା କୁହାଯାଇଛି, ସେମାନଙ୍କ ବିଷୟରେ ଅଧିକ ତଥ୍ୟ ଇତିହାସ ବହିରୁ ସଂଗ୍ରହ କର ।
- ଓଡ଼ିଶାର ପ୍ରାଚୀନ ମନ୍ଦିରଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କର ।